# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 March – 2025**

---

## ମନ୍ କି ବାତ୍-ମତାମତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖରେ ଆକାଶବାଣୀରେ ପ୍ରସାରିତ ହେବାକୁ ଥିବା ମନ୍ କି ବାତ କାର୍ଯ୍ୟକ୍ରମ ପାଇଁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି । ଚଳିତମାସର ମନ୍‌କିବାତ୍ କାର୍ଯ୍ୟକ୍ରମ ପାଇଁ ଅନେକ ଗୁଡ଼ିଏ ସୂଚନା ମିଳିଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସ’ରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତମାସର ମନ୍‌କିବାତ ପାଇଁ ବ୍ୟାପକ ସୂଚନା ମିଳିଥିବାରୁ ଖୁସି ଲାଗୁଛି। ଏହି ସୂଚନା ସାମାଜିକ ଉନ୍ନତି ପାଇଁ ସାମୂହିକ ପ୍ରୟାସର ଶକ୍ତିକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

---

## ଯକ୍ଷ୍ମାମୁକ୍ତ ଭାରତ

୧୦୦ ଦିନିଆ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ‘ନିକ୍ଷୟ ପୋଷଣ ଯୋଜନା’ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଡ଼ିଶାକୁ ପୁରସ୍କୃତ କରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଟ୍ୱିଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ରାଜ୍ୟକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଚାଲିଥିବା ପ୍ରୟାସରେ ସଫଳତା ହାସଲ କରିଥିବା ଜିଲ୍ଲାଗୁଡ଼ିକର ଅବଦାନକୁ ପ୍ରଶଂସା କରାଯାଇଛି । ଗତକାଲି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ପୁରସ୍କାର ପ୍ରଦାନ କରିଛନ୍ତି । ସେ କହିଛନ୍ତି ଚଳିତବର୍ଷ ସୁଦ୍ଧା ଯକ୍ଷ୍ମା ନିରାକରଣ ପାଇଁ ଦେଶ ଲକ୍ଷ୍ୟସ୍ଥଳ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଆମର ପ୍ରତ୍ୟେକ ପଦକ୍ଷେପ ଏହାକୁ ଦୃଢ଼ କରୁଛି ।

---

## କୃଷି-ପୁରସ୍କାର

କୃଷିକ୍ଷେତ୍ରରେ ଡିଜି ଟ୍ୟାଗିଙ୍ଗ୍ ପାଇଁ ସର୍ବଭାରତୀୟ ସ୍ତରରେ ଓଡ଼ିଶାକୁ ପୁରସ୍କୃତ କରାଯାଇଛି । କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ କୃଷି ବିଭାଗକୁ ମିଳିଥିବା ଇଟି ଡିଜି ଟ୍ୟାଗ୍ ପୁରସ୍କାର ୨୦୨୫ ଅନ୍ତର୍ଗତ ଜୁରି ଚଏସ୍ ଆୱାର୍ଡ଼ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦାନ କରିଛନ୍ତି । କୃଷକମାନଙ୍କୁ ସଶକ୍ତ କରିବା ଲାଗି କୃଷି ସମୃଦ୍ଧି ପରାମର୍ଶ ବ୍ୟବସ୍ଥାରେ ରିଏଲ୍ ଟାଇମ୍ ତଥ୍ୟ ପ୍ରଦାନ ପାଇଁ ଏହି ପୁରସ୍କାର ମିଳିଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପ୍ରତିକ୍ରିୟାରେ କହିଛନ୍ତି :

**V/O**

---

## କୋଇଲାଖଣି ନିଲାମ

କୋଇଲା ମନ୍ତ୍ରଣାଳୟ ଦ୍ୱାରା ଏକାଦଶ ପର୍ଯ୍ୟାୟ ବାଣିଜ୍ୟିକ କୋଇଲା ଖଣି ନିଲାମରେ ଓଡ଼ିଶାର ଗୋଟିଏ ଖଣି ସମେତ ମୋଟ୍ ୧୨ଟି ଖଣିର ନିଲାମ ହୋଇଛି । ୩ ହଜାର ୨୫୭ ମେଟ୍ରିକ୍ ଟନ୍‌ରୁ ଅଧିକ ଶରଧାପୁର ଜଲତାପ ପୂର୍ବ କୋଇଲା ଖଣି ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାଓ୍ୱାର ଲିମିଟେଡ୍‌କୁ

ନିଲାମ ଦିଆଯାଇଛି । ସୂଚନା ଅନୁଯାୟୀ, ନିଲାମ ହୋଇଥିବା ନୂଆ ଖଣିଗୁଡ଼ିକ ୩ ହଜାର ୩୩୦ କୋଟିରୁ ଅଧିକ ଟଙ୍କାର ବାର୍ଷିକ ରାଜସ୍ୱ ସୃଷ୍ଟି କରିବା ସହ ପ୍ରାୟ ୨ ହଜାର ୩୧୯ କୋଟି ଟଙ୍କାର ପୁଞ୍ଜି ନିବେଶ ଆକୃଷ୍ଟ କରିବ ବୋଲି ଆକଳନ କରାଯାଇଛି । ଏଥିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୨୦ ହଜାର ୯୦୨ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ ।

## ବୁଝାମଣାପତ୍ର

ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ  ସ୍ୱାକ୍ଷରିତ ଏହି ବୁଝାମଣାପତ୍ର’ କୃଷି ଉତ୍ପାଦନ ପୁଞ୍ଜି ମଡେଲ୍‌କୁ  ମଜବୁତ କରିବା ସହ ୧୧ଟି ଜିଲ୍ଲାର ୨୭ଟି ବ୍ଲକରେ ୬୯୫ଟି ଉତ୍ପାଦକ ଗୋଷ୍ଠୀ ଏବଂ ୨୭ଟି ଉତ୍ପାଦକ କମ୍ପାନୀର ପ୍ରୋତ୍ସାହନରେ ସହାୟକ ହେବ । ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଏହି ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

## ଚୈତ୍ର ମଙ୍ଗଳବାର

ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କୁ ଚୈତ୍ର ପର୍ବର ଆଜି ଦ୍ୱିତୀୟ ମଙ୍ଗଳବାରରେ ମହାଲକ୍ଷ୍ମୀ ବେଶରେ ସୁସଜ୍ଜିତ କରାଯାଇଛି । ବିଳମ୍ବିତ ରାତ୍ରିରେ ଦ୍ୱାରଫିଟା ନୀତି ସଂପନ୍ନ ହେବା ପରେ ଅବକାଶ, ମଙ୍ଗଳ ଆଳତୀ ଏବଂ ଶୃଙ୍ଗାର କରାଯିବା ପରେ ସାହାଣ ମେଳା

କରାଯାଇଛି । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ମାନସିକଧାରି ମା'ଙ୍କ ପୀଠରେ ପହଞ୍ଚୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ନିର୍ଦ୍ଦେଶନାମା

ରାଜ୍ୟରେ ଅପାରଗ ଓ ଅସାଧୁ ସରକାରୀ କର୍ମଚାରୀଙ୍କୁ ଅବସର ଗ୍ରହଣ ପୂର୍ବରୁ ବହିଷ୍କାର ସଂପର୍କିତ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଏହି ମର୍ମରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ନିର୍ଦ୍ଦେଶରେ ଥିବା ନିୟମକୁ ପାଳନ କରାଯାଉ ନଥିବା ଜଣାପଡ଼ିବା ପରେ ପୁଣିଥରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ପୂର୍ବରୁ ୨୦୧୯ ମସିହାରେ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ନିୟମିତ ସମୀକ୍ଷା ବୈଠକ ଆୟୋଜନ କରିବାକୁ କହିଛନ୍ତି ।

# ଶ୍ରୀମନ୍ଦିର

ପୁରୀ ଶ୍ରୀମନ୍ଦିରରେ ପାଞ୍ଜି ସମନ୍ୱୟ ବୈଠକ ଅନୁମୋଦିତ ୨୦୨୫-୨୬ ବର୍ଷର ଶ୍ରୀମନ୍ଦିର ପର୍ବପର୍ବାଣୀ ଓ ଯାନିଯାତ୍ରାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି । ଆସନ୍ତାମାସ ୩୦ ତାରିଖରେ ପବିତ୍ର ଅକ୍ଷୟତୃତୀୟାରୁ ରଥକାଠ ଅନୁକୂଳ ସହ ରଥଯାତ୍ରାର ଆଦ୍ୟପର୍ବ ଆରମ୍ଭ ହେବ । ଜୁନ୍ ମାସ ୧୧ ତାରିଖରେ ସ୍ନାନଯାତ୍ରା ଓ ୨୭ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବା ନେଇ ବୈଠକରୁ ଜଣାପଡ଼ିଛି ।

# କୃଷି ଯନ୍ତ୍ରପାତି ମେଳା

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି । ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମେଳାରେ କୃଷକମାନଙ୍କୁ ଉନ୍ନତ କୃଷି ନିମନ୍ତେ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ ବୋଲି କହିଥିଲେ । ୫ ଦିନ ଧରି ଚାଲିବାକୁ ଥିବା କୃଷି ଯନ୍ତ୍ରପାତି ମେଳାରେ ୫୦ଟି ଷ୍ଟଲ୍‌ରେ ଉନ୍ନତ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ବିକ୍ରୟ କରାଯାଉଥିବା ଜଣାପଡ଼ିଛି । ଏହି ଅବସରରେ ୩ ଜଣ କୃଷକଙ୍କୁ ସମ୍ମାନିତ କରାଯାଇଛି ।